ଗୁଜରାଟ ରାଜ୍ୟ ଏବଂ ଅନ୍ୟମାନେ

ବନାମ

ଦିଲୀପଭାଇ ଶାଲୀଗ୍ରାମ ପାଟିଲ୍

ସେପ୍ଟେମ୍ବର 11,2006

[ଅରିଜିତ ପଶାୟତ ଏବଂ ଲୋକେଶ୍ୱର ସିଂ ପାନ୍ତା, ନ୍ୟାୟମୂର୍ତ୍ତିଦ୍ୱୟ]

*ଅଭ୍ୟାସ ଏବଂ ପ୍ରକ୍ରିୟା-ମଧ୍ୟବର୍ତ୍ତୀକାଳୀନ ଆଦେଶ-ଉତ୍ତରଦାତା-କର୍ମଚାରୀ ତାଙ୍କ ପଦବୀରୁ କାର୍ଯ୍ୟାନ୍ତର କରିବାକୁ ଆପତ୍ତି କରି ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ-ଆବେଦନର ଫଏସଲା ବିଚାରଧୀନ ସମୟରେ, ଉତ୍ତରଦାତାଙ୍କୁ ପୁନଃପଦସ୍ଥ ନିର୍ଦ୍ଦେଶରେ ମଧ୍ୟବର୍ତ୍ତୀକାଳୀନ ଆଦେଶ ପାରିତ କରାଯାଇଛି-ଆଜ୍ଞାଦେଶ ଆବେଦନ ଶେଷରେ ଖାରଜ ହେଲା- ନିର୍ଣ୍ଣୟ ହେଲା : ଆବେଦନର ଚୂଡ଼ାନ୍ତ ଫଏସଲା ସହିତ ମଧ୍ୟବର୍ତ୍ତୀକାଳୀନ ଆଦେଶର ସମାପ୍ତି ଘଟିଥିଲା - କେବଳ କାରଣ ମଧ୍ୟବର୍ତ୍ତୀକାଳୀନ ଆଦେଶ ଅନୁଯାୟୀ ପୁନଃପଦସ୍ଥ କରାଯାଇଥିଲା, ପରବର୍ତ୍ତୀ ସମୟରେ ଉଚ୍ଚ ନ୍ୟାୟାଳୟ ଉତ୍ତରଦାତାଙ୍କ ଆବେଦନକୁ ଅନୁମତି ଦେଇ ତାଙ୍କୁ ପ୍ରତିକାର ପ୍ରଦାନ କରିପାରିନଥିଲେ - ମାମଲାକୁ ଯୋଗ୍ୟତା ଉପରେ ନୂତନ ବିଚାର ପାଇଁ ଉଚ୍ଚ ନ୍ୟାୟାଳୟକୁ ଫେରାଇ ଦିଆଗଲା I*

ଉତ୍ତରଦାତା ତାଙ୍କୁ ତାଙ୍କ ପଦବୀରୁ କାର୍ଯ୍ୟାନ୍ତର କରିଥିବା ପ୍ରଶ୍ନ ଉଠାଇ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ I ଆବେଦନର ଫଏସଲା ହେବା ପର୍ଯ୍ୟନ୍ତ, ଉଚ୍ଚ ନ୍ୟାୟାଳୟର ଏକକ ବିଚାରପତି ଉତ୍ତରଦାତାଙ୍କ ସପକ୍ଷରେ ମଧ୍ୟବର୍ତ୍ତୀକାଳୀନ ଆଦେଶ ପାରିତ କରି ତାଙ୍କୁ ପୁନଃପଦସ୍ଥ କରିବାକୁ ନିର୍ଦ୍ଦେଶ ଦେଇଥିଲେ I କିନ୍ତୁ ଶେଷରେ ଏକକ ନ୍ୟାୟମୂର୍ତ୍ତି ଆଜ୍ଞାଦେଶ ଆବେଦନ ଖାରଜ କରିଦେଲେ ଯାହା ସ୍ପଷ୍ଟ ଭାବରେ ଦର୍ଶାଉଥିଲା ଯେ ମଧ୍ୟବର୍ତ୍ତୀକାଳୀନ ପ୍ରତିକାର ସେହି କାରଣରୁ ଉଠାଇ ଦିଆଯାଇଥିଲା I ଉକ୍ତ ଚୂଡ଼ାନ୍ତ ଆଦେଶ ବିରୁଦ୍ଧରେ ସମୀକ୍ଷା ଆବେଦନକୁ ଖାରଜ କରାଯାଇଥିଲା I ଉତ୍ତରଦାତା ଅଧିକାର ପତ୍ର ଆବେଦନ ଦାଖଲ କରିଥିଲେ, ଯାହାକୁ ଉଚ୍ଚ ନ୍ୟାୟାଳୟ ପୂର୍ବରୁ ପାରିତ ମଧ୍ୟବର୍ତ୍ତୀକାଳୀନ ଆଦେଶକୁ ଦୃଷ୍ଟିରେ ରଖି ଅନୁମତି ଦେଇଥିଲେ, ଏବଂ ନିର୍ଣ୍ଣୟ ନେଇଥିଲେ ଯେ ଏହା ଦ୍ୱାରା ଉଚ୍ଚ ନ୍ୟାୟାଳୟର ଏକକ ନ୍ୟାୟମୂର୍ତ୍ତି ଆଜ୍ଞାଦେଶ ଆବେଦନକୁ ଅନୁମତି ଦେଇଥିଲେ I ତେଣୁ ବର୍ତ୍ତମାନର ଆବେଦନ କରାଯାଇଛି I

ନ୍ୟାୟାଳୟ ଆବେଦନକୁ ଅନୁମତି ଦେଇ,

**ନିର୍ଣ୍ଣୟ ହୋଇଥିଲା:1 ଏହା ଭଲ ଭାବରେ ସ୍ଥିର ହୋଇଛି ଯେ ଆଜ୍ଞାଦେଶ ଆବେଦନ/ମକଦ୍ଦମା କିମ୍ବା ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନର ବିଚାରାଧୀନ ଫଏସଲା ମଞ୍ଜୁର ହୋଇଥିବା ଏକ ଆଦେଶ, ମୂଳ କାର୍ଯ୍ୟାନୁଷ୍ଠାନର ଫଏସଲା ସହିତ ସମାପ୍ତ ହୁଏ ଏବଂ ଏପରି ମାମଲାରେ ପକ୍ଷମାନଙ୍କୁ ସମାନ ସ୍ଥିତିରେ ରଖିବା ନ୍ୟାୟାଳୟର କର୍ତ୍ତବ୍ୟ ଅଟେ, ଯାହା ସେମାନେ ନ୍ୟାୟାଳୟର ମଧ୍ୟବର୍ତ୍ତୀକାଳୀନ ଆଦେଶ ପାଇଁ ଆସିଥାନ୍ତେ । ଅନ୍ୟ କୌଣସି ମତ ଦେଲେ ନ୍ୟାୟାଳୟର କାର୍ଯ୍ୟ କିମ୍ବା ଆଦେଶ ପକ୍ଷର କୌଣସି ଦୋଷ ନଥାଇ ତାଙ୍କୁ ପକ୍ଷପାତ କରିବ ଏବଂ ଏହାର ଅର୍ଥ ଆଜ୍ଞାଦେଶ ଆବେଦନକାରୀଙ୍କ ବିଫଳତା ସତ୍ତ୍ୱେ ତାଙ୍କୁ ପୁରସ୍କୃତ କରିବ । ଏପରି କୌଣସି ଅନ୍ୟାୟ ପରିଣାମ ଅଦାଲତ ଦ୍ୱାରା ଗ୍ରହଣ ହୋଇପାରିବ ନାହିଁ । କେବଳ ଯେହେତୁ ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ପାରିତ ହୋଇଥିଲା, ଯାହା ଅନୁଯାୟୀ ପୁନଃପଦସ୍ଥ କରାଯାଇଥିଲା, ତାହା ପ୍ରତିକାର ଦେବାର ଏକ କାରଣ ହୋଇପାରିବ ନାହିଁ ।**

*କାନୋରିଆ କେମିକାଲ୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ବନାମ ୟୁ. ପି. ଷ୍ଟେଟ୍ ଇଲେକ୍ଟ୍ରିସିଟି ବୋର୍ଡ ଏବଂ ଅନ୍ୟମାନେ,* **[1997] 5 SCC 772;** ଶ୍ରୀ ଚାମୁଣ୍ଡି *ମୋପେଡ୍ସ ଲିମିଟେଡ୍ ବନାମ ଚର୍ଚ୍ଚ ଅଫ୍ ସାଉଥ୍ ଇଣ୍ଡିଆ ଟ୍ରଷ୍ଟ ଆସୋସିଏସନ୍ CSI ସିନୋଡ୍ ସେକ୍ରେଟାରିଏଟ୍, ମାଡ୍ରାସ,* **[1992] 3 SCC 1** ଏବଂ ୟୁନିଅନ୍ ଅଫ୍ ଇଣ୍ଡିଆ ବନାମ ନରେନ୍ଦ୍ର ସିଂ, **[2005] 6 SCC 106,** ଉପରେ **ନିର୍ଭରଶୀଳ କରାଗଲା ।**

*ଭାରତ ସଂଘ* **ବନାମ** *ଜି. ଆର୍. ପ୍ରଭାବଲକର ଏବଂ ଅନ୍ୟମାନେ,* **[1973] 4 SCC 183, ଉଲ୍ଲେଖ କରାଗଲା ।**

**2. ଉଚ୍ଚ ନ୍ୟାୟାଳୟର ଆଦେଶ ବଜାୟ ରଖାଯାଇପାରିବ ନାହିଁ ଏବଂ ଏହାକୁ ବାତିଲ କରାଯାଇଅଛି । ଯେହେତୁ ଉଚ୍ଚ ନ୍ୟାୟାଳୟ ଏହି ମାମଲାକୁ ଯୋଗ୍ୟତା ଆଧାରରେ ଶୁଣାଣି କରିନାହାଁନ୍ତି, ତେଣୁ ମାମଲାଟିକୁ ଯୋଗ୍ୟତା ଉପରେ ନୂତନ ବିଚାର ପାଇଁ ଉଚ୍ଚ ନ୍ୟାୟାଳୟକୁ ପଠାଯାଉଛି ।**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 4058/2006 ।

L.P.A.ସଂଖ୍ୟା 2475/2004ରେ ଗୁଜୁରାଟର ଉଚ୍ଚ ନ୍ୟାୟାଳୟର 8.12.2004 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ରୋହିଣୀ, ହେମନ୍ତିକା ୱାହି ଏବଂ ଶିବାଙ୍ଗୀ ।

ଉତ୍ତରଦାତାଙ୍କ ପକ୍ଷରୁ ବିଜୟ କୁମାର, ଆର୍. ଏନ୍. ସିଂ ଏବଂ ବିଶ୍ୱଜିତ୍ ସିଂ ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟାଧୀଶ ଅରିଜିତ୍ ପଶାୟତଙ୍କ ଦ୍ୱାରା**, ଅନୁମତି ପ୍ରଦାନ କରାଗଲା ।

ଏହି ଆବେଦନରେ ଉତ୍ତରଦାତାଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଅନୁମତି ଦେଇ ଗୁଜରାଟ ଉଚ୍ଚ ନ୍ୟାୟାଳୟର ଏକ ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠ ଦ୍ୱାରା ପ୍ରଦାନ କରାଯାଇଥିବା ରାୟକୁ ଆପତ୍ତି କରାଯାଇଥିଲା । ବାସ୍ତବ ଦିଗକୁ ବିସ୍ତୃତ ଭାବେ ଉଲ୍ଲେଖ ଅନାବଶ୍ୟକ କାରଣ ଏହା ଉପରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଧାରଣକ୍ଷମ ନୁହେଁ । ଉତ୍ତରଦାତା 23.11.1993 ତାରିଖର ଆଦେଶ ଅନୁଯାୟୀ ପଶ୍ଚିମ ରେଳବାଇ, ଭଦୋଦରାର ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା କାର୍ଯ୍ୟାନ୍ତର ଆଦେଶ ଉପରେ ପ୍ରଶ୍ନ ଉଠାଇ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । ଉତ୍ତରଦାତାଙ୍କ ଦ୍ୱାରା 30.11.1993 ତାରିଖରେ ଦେୱାନୀ ବିଶେଷ ଆବେଦନ 1346 ଦାଖଲ କରାଯାଇଥିଲା । ଉକ୍ତ ତାରିଖରେ ଆବେଦନ ଉପରେ ଅଧିସୂଚନା ଜାରି କରାଯାଇଥିଲା ଏବଂ 10.12.1993 ତାରିଖରେ ଫେରସ୍ତ ଯୋଗ୍ୟ କରାଯାଇଥିଲା । ଆବେଦନକାରୀ-ରାଜ୍ୟ ଦ୍ୱାରା 16.12.1993ରେ ଉତ୍ତର ଦାଖଲ କରାଯାଇଥିଲା । 11.1.1994 ତାରିଖରେ ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ପାରିତ କରାଯାଇଥିଲା, ଯେଉଁଥିରେ ଆବେଦନର ଫଏସଲା ହେବା ପର୍ଯ୍ୟନ୍ତ ଉତ୍ତରଦାତାଙ୍କୁ ପୁନଃପଦସ୍ଥ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଶେଷରେ 31.3.2004 ତାରିଖର ଆଦେଶ ଦ୍ୱାରା ଆଜ୍ଞାଦେଶ ଆବେଦନକୁ ଖାରଜ କରାଯାଇଥିଲା । ଏହି ଆଦେଶରେ ସ୍ପଷ୍ଟ ଭାବେ ଦର୍ଶାଯାଇଥିଲା ଯେ ମଧ୍ୟବର୍ତ୍ତୀକାଳୀନ ପ୍ରତିକାର ଉଠାଇ ଦିଆଗଲା । ପରବର୍ତ୍ତୀ ସମୟରେ, ସମୀକ୍ଷା ଆବେଦନ ଦାଖଲ କରାଯାଇଥିଲା, ଯାହାକୁ 13.9.2004 ରେ ଖାରଜ କରାଯାଇଥିଲା । ଉତ୍ତରଦାତା ଅଧିକାର ପତ୍ର ଆବେଦନ 2475/2004 ଦାଖଲ କରିଥିଲେ, ଯାହାକୁ ଅନୁମତି ଦିଆଯାଇଥିଲା । ଅନ୍ୟାନ୍ୟ ବିଷୟ ମଧ୍ୟରେ ଉଚ୍ଚ ନ୍ୟାୟାଳୟଙ୍କ ସିଦ୍ଧାନ୍ତ ନିମ୍ନମତେରେ ଦିଆଗଲା:

" ପକ୍ଷମାନଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିବା ପରେ ଏବଂ ନ୍ୟାୟାଧୀଶ ଏସ୍. ଏମ୍. ସୋନି, (ସେ ସେତେବେଳେ ଯେପରି ଥିଲେ)ଙ୍କ ଦ୍ୱାରା ପାରିତ ହୋଇଥିବା ସ୍ୱୀକୃତିର

ବକ୍ତବ୍ୟ ଆଦେଶ ଏବଂ ମଧ୍ୟବର୍ତ୍ତୀକାଳୀନ ଆଦେଶକୁ ଯତ୍ନର ସହିତ ଅନୁଧ୍ୟାନ କରିବା ପରେ, ଏହି ଆବେଦନକୁ ଅନୁମତି ଦେବା ଆବଶ୍ୟକ ଥିଲା । ବାସ୍ତବରେ, ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ଦ୍ୱାରା, ବିଜ୍ଞ ଏକକ ନ୍ୟାୟମୂର୍ତ୍ତିଙ୍କୁ ବିଶେଷ ଭାବରେ ଆଜ୍ଞାଦେଶ ଆବେଦନକୁ ଅନୁମତି ଦେଇଥିଲେ ।

ଆବେଦନକାରୀଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତା ଦାଖଲ କରିଥିଲେ ଯେ ଉଚ୍ଚ ନ୍ୟାୟାଳୟଙ୍କ ମତ ସ୍ପଷ୍ଟ ଭାବରେ ଅସମର୍ଥନୀୟ ଏବଂ ଆଜ୍ଞାଦେଶ ଆବେଦନର ଚୂଡ଼ାନ୍ତ ଫଏସଲା ପରେ ପାରିତ ମଧ୍ୟବର୍ତ୍ତୀକାଳୀନ ଆଦେଶ ପ୍ରଭାବ ହରାଇଥାଏ । କେବଳ କାରଣ ପୂର୍ବରୁ ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ପାରିତ ହୋଇଥିଲା ଯେ ଉଚ୍ଚ ନ୍ୟାୟାଳୟ ଏହି ସିଦ୍ଧାନ୍ତରେ ପହଞ୍ଚି ପାରିନଥିଲେ ଯେ ମଧ୍ୟବର୍ତ୍ତୀକାଳୀନ ଆଦେଶ ଦ୍ୱାରା ବିଜ୍ଞ ଏକକ ନ୍ୟାୟମୂର୍ତ୍ତି ଆଜ୍ଞାଦେଶ ଆବେଦନ ଅନୁମତି ଦେଇଥିଲେ । ବାସ୍ତବରେ, ବର୍ତ୍ତମାନର ମାମଲାରେ ବିଜ୍ଞ ଏକକ ନ୍ୟାୟମୂର୍ତ୍ତି ଆଜ୍ଞାଦେଶ ଆବେଦନ ଖାରଜ କରିବା ସମୟରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି ଯେ ଆଜ୍ଞାଦେଶ ଆବେଦନ ଖାରଜ ହେବା କାରଣରୁ ମଧ୍ୟବର୍ତ୍ତୀକାଳୀନ ପ୍ରତିକାର ଉଠାଇ ଦିଆଗଲା ।

ଉତ୍ତରଦାତାଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତା ଉଚ୍ଚ ନ୍ୟାୟାଳୟର ଏହି ଆଦେଶକୁ ସମର୍ଥନ କରିଥିଲେ ।

ଏହା ଭଲ ଭାବରେ ସ୍ଥିର ହୋଇଛି ଯେ ଆଜ୍ଞାଦେଶ ଆବେଦନ/ମକଦ୍ଦମା କିମ୍ବା ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନର ବିଚାରାଧୀନ ଫଏସଲା କରୁଥିବା ଏକ ଆଦେଶ, ଅଧିଷ୍ଠାୟୀ କାର୍ଯ୍ୟାନୁଷ୍ଠାନର ଫଏସଲା ସହିତ ସମାପ୍ତ ହୁଏ ଏବଂ ଏହିପରି ମାମଲାରେ ପକ୍ଷମାନଙ୍କୁ ସମାନ ସ୍ଥିତିରେ ରଖିବା ନ୍ୟାୟାଳୟର କର୍ତ୍ତବ୍ୟ, ସେମାନେ କେବଳ ନ୍ୟାୟାଳୟର ମଧ୍ୟବର୍ତ୍ତୀକାଳୀନ ଆଦେଶ ପାଇଁ ଆସିଥାନ୍ତେ । ଅନ୍ୟ କୌଣସି ଦୃଷ୍ଟିକୋଣର ଫଳସ୍ୱରୂପ ନ୍ୟାୟାଳୟର କାର୍ଯ୍ୟ କିମ୍ବା ଆଦେଶ ପକ୍ଷଙ୍କୁ ତାଙ୍କର କୌଣସି ଦୋଷ ନ ଥିବାରୁ ପକ୍ଷପାତିତା କରିବ ଏବଂ ଏହାର ଅର୍ଥ ଆଜ୍ଞାଦେଶ ଆବେଦନକାରୀଙ୍କୁ ତାଙ୍କ ବିଫଳତା ସତ୍ତ୍ୱେ ପୁରସ୍କୃତ କରିବା ମଧ୍ୟ ହେବ । ଏପରି କୌଣସି ଅନ୍ୟାୟ ପରିଣାମ ଅଦାଲତ ଦ୍ୱାରା ଗ୍ରହଣ ହୋଇପାରିବ ନାହିଁ । [ *କାନୋରିଆ କେମିକାଲ୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ବନାମ ୟୁ. ପି. ରାଜ୍ୟ ଇଲେକଟ୍ରିସିଟି ବୋର୍ଡ ଏବଂ ଅନ୍ୟମାନେ* , [1997] 5 SCC 772 ଦେଖନ୍ତୁ । ]

*ଶ୍ରୀ ଚାମୁଣ୍ଡି ମୋପେଡ୍ସ ଲିମିଟେଡ ବନାମ ଚର୍ଚ୍ଚ ଅଫ୍ ସାଉଥ୍ ଇଣ୍ଡିଆ ଟ୍ରଷ୍ଟ ଆସୋସିଏସନ୍ CSI ସିନୋଦ ସେକ୍ରେଟାରିଏଟ୍ , ମାଡ୍ରାସ,* [1992] 3 SCC 1 ରେ ମଧ୍ୟ ଏହି ସ୍ଥିତି ଉପରେ ଆଲୋକପାତ କରାଯାଇଥିଲା । ଅନ୍ୟାନ୍ୟ ବିଷୟ ମଧ୍ୟରେ ଏହା ନିମ୍ନମତେ ଉଲ୍ଲେଖ କରାଯାଇଥିଲା :-

> *ଆପତ୍ତି ହୋଇଥିବା ଆଦେଶର କାର୍ଯ୍ୟକାରିତାକୁ ସ୍ଥଗିତ ରଖି ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶର ପ୍ରଭାବକୁ ବିଚାର କରିବା ସମୟରେ, ଏକ ଆଦେଶର କାର୍ଯ୍ୟକାରିତା ଉପରେ ପ୍ରତିବନ୍ଧକ ଲଗାଇବା ଏବଂ ଏକ ଆଦେଶର କାର୍ଯ୍ୟକାରିତାର ସ୍ଥଗିତ ମଧ୍ୟରେ ଏକ ପାର୍ଥକ୍ୟ କରିବାକୁ ପଡିବ । କୌଣସି ଆଦେଶ ରଦ୍ଦ କରିବା ଫଳରେ ସେହି ପଦବୀର ପୁନଃପଦସ୍ଥ ହୋଇଥାଏ, ଯାହା ସେହି ଆଦେଶ ପାରିତ ହେବା ତାରିଖରେ ରହିଥିଲା, ଯାହାକୁ ରଦ୍ଦ କରିଦିଆଯାଇଥିଲା । ତେବେ, କୌଣସି ଆଦେଶର କାର୍ଯ୍ୟକାରିତା ଉପରେ ସ୍ଥଗିତ ରଖିବା ଦ୍ୱାରା ଏପରି କୌଣସି ଫଳାଫଳ ମିଳିନଥାଏ । ଏହାର ଅର୍ଥ କେବଳ ଏହା ଯେ ଯେଉଁ ଆଦେଶ ସ୍ଥଗିତ ରଖାଯାଇଛି ତାହା ସ୍ଥଗିତ ଆଦେଶ ପାରିତ ହେବା ତାରିଖ ଠାରୁ କାର୍ଯ୍ୟକାରୀ ହେବ ନାହିଁ ଏବଂ ଏହାର ଅର୍ଥ ନୁହେଁ ଯେ ଉକ୍ତ ଆଦେଶ ଅସ୍ତିତ୍ୱରୁ ହଟାଇ ଦିଆଯାଇଛି ।*
>
> (ଗୁରୁତ୍ୱ ଦେବା ପାଇଁ ଇଟାଲିକ୍ ରେ)

କେବଳ ଯେହେତୁ ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ପାରିତ ହୋଇଥିଲା ଯାହା ଅନୁଯାୟୀ ପୁନଃପଦସ୍ଥ କରାଯାଇଥିଲା, ତାହା ପ୍ରତିକାର ଅନୁମତି ଦେବା ପାଇଁ ଏକ ଆଧାର ହୋଇପାରିବ ନାହିଁ । (*ଭାରତ ସଂଘ ବନାମ ନରେନ୍ଦ୍ର ସିଂ, [2005] 6 SCC 106 ଦେଖନ୍ତୁ ।*

*ଭାରତ ସଂଘ ବନାମ ଜି. ଆର୍. ପ୍ରଭାବଲକର ଏବଂ ଅନ୍ୟମାନେ [1973]* 4 *SCC* 183 ରେ ମଧ୍ୟ ଏହି ସ୍ଥିତି ଉଲ୍ଲେଖ କରାଯାଇଥିଲା, ଯାହା ନିମ୍ନମତେ ଉଲ୍ଲେଖ କରାଯାଇଛି :

> " ଶ୍ରୀ ସିଂଭି, ବିଦ୍ୱାନ ଅଧିବକ୍ତା, ତା 'ପରେ ଆମକୁ ଏହି ତଥ୍ୟ ବିଷୟରେ କହିଥିଲେ ଯେ ଉଚ୍ଚ ନ୍ୟାୟାଳୟଙ୍କ ରାୟ ପରେ ରାଜ୍ୟ ସରକାର 1971 ମସିହା ମାର୍ଚ୍ଚ 19 ତାରିଖରେ ଏକ ଆଦେଶ ପାରିତ କରିଛନ୍ତି, ଯାହାର ପ୍ରଭାବ ହେଉଛି ପୂର୍ବତନ ମଧ୍ୟପ୍ରଦେଶ ରାଜ୍ୟର ବିକ୍ରୟ ଟିକସ ଅଧିକାରୀମାନଙ୍କୁ ବମ୍ବେର ବିକ୍ରୟ ଟିକସ ଅଧିକାରୀ ବର୍ଗଙ୍କ ସହ ସମାନ

କରିବା । ଆମ ମତରେ, ଏହି ଆଦେଶ କେବଳ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶଗୁଡ଼ିକୁ ପାଳନ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପାରିତ ହୋଇଛି । ଏହା ସେହି ସମୟରେ କରାଯାଇଥିଲା ଯେତେବେଳେ ରାୟ ବିରୁଦ୍ଧରେ ଆବେଦନଟି ଏହି ନ୍ୟାୟାଳୟରେ ବିଚାରାଧୀନ ଥିଲା । ଏହା ସତ୍ୟ ଯେ ରାଜ୍ୟ ସରକାର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାବଳୀକୁ ପାଳନ କରିବା ପାଇଁ ପଦକ୍ଷେପ ନେଇଥିଲେ, ଯାହା ଏହି ଅନୁମାନରେ ପହଞ୍ଚିପାରିବ ନାହିଁ ଯେ ଭାରତ ସଂଘଙ୍କ ଦ୍ୱାରା ଆବେଦନଟି ନିଷ୍ଫଳ ହୋଇଯାଇଛି ।

ଉଚ୍ଚ ନ୍ୟାୟାଳୟର ଆଦେଶକୁ ବଜାୟ ରଖାଯାଇପାରିବ ନାହିଁ ଏବଂ ଏହାକୁ ବାତିଲ କରାଯାଇଛି । ଯେହେତୁ ଉଚ୍ଚ ନ୍ୟାୟାଳୟ ଯୋଗ୍ୟତା ଆଧାରରେ ଏହି ମାମଲାର ଶୁଣାଣି କରିନାହାଁନ୍ତି, ତେଣୁ ଯୋଗ୍ୟତା ଆଧାରରେ ନୂତନ ବିଚାର ପାଇଁ ଆମେ ଏହି ମାମଲାକୁ ଉଚ୍ଚ ନ୍ୟାୟାଳୟକୁ ପଠାଉଛୁ ।

ଆବେଦନକୁ ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ବିନା ଉପରୋକ୍ତ ସୀମା ପର୍ଯ୍ୟନ୍ତ ଅନୁମତି ଦିଆଯାଇଛି ।

ବି.ବି.ବି. ଆବେଦନକୁ ଅନୁମତି ଦିଆଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**

ସୁମିତ୍ରା ସାହୁ ,ଅନୁବାଦିକା,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।